UNNAYAN
At & P.O.: Renghalo
District: Puri
PIN: 752114, Orissa

13

ନାରୀଶକ୍ତି . ତା. ୩୦/୧୧/୨୦୦୬

# ମହିଳା ଚେତନା ଜାଗୃତି ଶିବିର ସଂପର୍କରେ

ପ୍ରାପ୍ତେଷୁ ସଂପାଦିକା ନାରୀଶକ୍ତି
ଭୁବନେଶ୍ୱର, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକର ହରି
ଗ୍ରାମ ପଞ୍ଚାୟତ ଠାରେ ଉନ୍ନୟନ ରେଘା
ଆୟୋଜନରେ ସମାଜ ମଙ୍ଗଳ ବୋର୍ଡ ଭୁବନେ
ସହାୟତାରେ ୧୦ ଦିବସିୟ ସଚେତନ
କାର୍ଯ୍ୟକ୍ରମକୁ ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ଅଧ
ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଉଦଘା
ହୋଇଯାଇଛି। ଉକ୍ତ ଶିବିରରେ ହରିପ
ଗ୍ରାମପଞ୍ଚାୟତର ସରପଞ୍ଚ ଦେବେନ୍ଦ୍ର ପ୍ରଧା
ଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ପ୍ର
ଦାସ, ସମାଜ ମଙ୍ଗଳ ବୋର୍ଡର ସହକାରୀ ପ୍ର
ଅଧିକାରୀ ବୈକୁଣ୍ଠ ନାଥ ମିଶ୍ର ଓଡ଼ିଶା
ନ୍ୟାୟାଳୟର ଆଇନଜ୍ଞ ସୂର୍ଯ୍ୟନାରାୟଣ ବିଶ୍ୱା
ରେଣ୍ଟ ସ୍ୱାସ୍ଥ୍ୟ କେନ୍ଦ୍ରର ଡାଃ. ଲୀଳାବେନ୍ଦୁ ମିଶ୍ର,
ବିଜ୍ଞାନକେନ୍ଦ୍ର କାକଟପୁରର ବୈଜ୍ଞାନିକ, ପ୍ର
ମିଶ୍ର ଓ ଦିପ୍ତି ମଞ୍ଜରୀ ଜେନା ଓ ସମାଜ ସେ
ପ୍ରଭାକର ନନ୍ଦ ଓ ସରୋଜ ପ୍ରତିହାରୀ ଓ ମଧ୍ୟ
ନେହେରୁଙ୍କ ଦ୍ୱାରା ବିଭିନ୍ନ ବିଷୟରେ ସଚେ
କରିଥିଲେ। ନିମାପଡ଼ା ଶିଶୁ ଓ ମହିଳା ଅଧିକାରିଣୀ
ଦ୍ୱାରା ଆୟୋଜିତ ପୁଷ୍ଟିକର ସୁଷମ ବିଷୁ
ଗର୍ଭବତୀଙ୍କ ପାଇଁ ସନ୍ତୁଳିତ ଆହାରର
ପ୍ରଦର୍ଶନୀକୁ ମହିଳା ମାନେ ବୁଲି ଜ୍ଞାନ ଲା
କରିଥିଲେ। ଏହି ଦଶଦିନ ଶିବିରରେ ମୋଟ ୫୦
ଜଣ ମହିଳା ବିଭିନ୍ନ ଜ୍ଞାନ ଲାଭ କରିଥିଲେ
ଉନ୍ନୟନ ସଂସ୍ଥାର ଭାରତୀ ସାହୁ ଓ ସବି
ଚାନ୍ଦବେଗମ ଓ ରେଣୁ ସ୍ୱାଇଁ, ରଶ୍ମିତା ପ୍ରଧାନ
ପ୍ରମୁଖ ସହଯୋଗ କରିଥିଲେ।

Secretary
UNNAYAN

## ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ସଂପର୍କୀୟ ତାଲିମ

ନିମାପଡା, ତା୨ ୨।୨(ସତ୍ୟଖବର ନ୍ୟୁଜ୍) ନିମାପଡା ବ୍ଲକ ଶଗଡା ଗ୍ରାମପଞ୍ଚାୟତର ଜଟେଶ୍ୱର ଦେବ କଲେଜ ଅଫ ଏଜୁକେଶନ ଆଣ୍ଡ୍ ଭୋକେଶନାଲ ଠାରେ 'ଉନ୍ନୟନ' ଦ୍ୱାରା ୩୦ଜଣ ହିତାଧିକାରୀଙ୍କୁ ନେଇ, ପୁରୀ ଜିଲ୍ଲା ଶିଳ୍ପ କେନ୍ଦ୍ରର ସହାୟତାରେ ଏକ ୧୦ ଦିନିଆ **PMRY** ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ପୁରୀ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ପ୍ରଦୀପ୍ତ କୁମାର ମହାନ୍ତି ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିମାପଡାର ପ୍ରଗତି ଅଧିକାରୀ ସିତାଂସୁ ପାଇକରାଏ, ଅନୁଷ୍ଠାନର ଉପ-ସଭାପତି ବିଜୟ ଚନ୍ଦ୍ର ନାୟକ, ସଂଯୋଜକ ରମେଶ ଚନ୍ଦ୍ର ମଲ୍ଲିକ୍ ଏହି ତାଲିମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିବା ବେଳେ ଏହି ଶିବିରଟିକୁ ଶ୍ରୀକାନ୍ତ ରାଉତ ପରିଚାଳନା କରଛନ୍ତି ।

## ଚାନ୍ଦୁଆ କାରିଗରୀ ଓ ବୈଷୟିକ ବିକାଶ କର୍ମଶାଳା

ନିମାପଡା, ତା୨ ୨।୨(ସତ୍ୟଖବର ନ୍ୟୁଜ) ପୁରୀ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉନ୍ନୟନ' ଦ୍ୱାରା ଆୟୋଜିତ ଡେଭଲପ୍‌ମେଣ୍ଟ କମିଶନର (ହାଣ୍ଡିକ୍ରାଫ୍ଟ), ନୂଆଦିଲ୍ଲୀଙ୍କ ସହାୟତାରେ ୩୦ ଜଣ ହିତାଧିକାରୀଙ୍କୁ ନେଇ ଏକ ୧୫ ଦିନିଆ ଚାନ୍ଦୁଆ ଡିଜାଇନ୍ ଡେଭଲପମେଣ୍ଟ କର୍ମଶାଳାର ରେଘାଲୋ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ପୁରୀ ଜିଲ୍ଲା ଶିଳ୍ପକେନ୍ଦ୍ରର ସାଧାରଣ ପ୍ରବନ୍ଧକ ପ୍ରଦୀପ୍ତ କୁମାର ମହାନ୍ତି, ନିମାପଡା ବ୍ଲକର ଶିଶୁବିକାଶ ଅଧିକାରୀ ସୁଶ୍ରୀ ରଶ୍ମୀ ମହାନ୍ତି, ସୁପରଭାଇଜର ମମତା ନାୟକ, ନିମାପଡା ବ୍ଲକର ପ୍ରଗତି ଅଧିକାରୀ, ସମାଜସେବୀ ଗୋଲେକ ବିହାରୀ ନାୟକ, ଉନ୍ନୟନର ସଂପାଦିକା ରଂଜିତା ନାୟକ, ସଲଙ୍ଗ ପଞ୍ଚାୟତର ଭୀମସେନ ନାୟକ ଯୋଗ ଦେଇଥିଲେ । ଏହି କର୍ମଶାଳାକୁ କଲକତାର ଡିଜାଇନର ମୋନୀ ମୋହନ ହାଲଦାର ବୈଷୟିକ ସହାୟତା ଯୋଗାଇ ଦେଇଥିବାବେଳେ ଓ ବୃନ୍ଦାବନ ସାହୁ କାର୍ଯ୍ୟକ୍ରମଟିକୁ ପରିଚାଳନା କରୁଛନ୍ତି ।

## ନିମାପଡ଼ା ଅଞ୍ଚଳରେ 'ଉନ୍ନୟନ'ର ରିଲିଫ୍ କାର୍ଯ୍ୟକ୍ରମ

**ନିମାପଡ଼ା :** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ରେଘାଂଲୋ ଗ୍ରାମରେ ଅବସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉନ୍ନୟନ' ତରଫରୁ ନିମାପଡ଼ାର ବାତ୍ୟାବିଧ୍ୱସ୍ତ ଅଞ୍ଚଳରେ ବ୍ୟାପକ ରିଲିଫ୍ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହିସବୁ ଅଞ୍ଚଳରେ ବାତ୍ୟା ପରେ ମହାମାରୀ ବ୍ୟାପିବାର ଆଶଙ୍କା ଥିବାରୁ ଗ୍ରାମାଞ୍ଚଳମାନଙ୍କରେ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହିସବୁ ଅଞ୍ଚଳରେ ଫିନାଇଲ୍ ଓ ବ୍ଲିଚିଂ ବ୍ୟବହାର କରାଯିବା ସାଙ୍ଗକୁ ଲୋକମାନଙ୍କୁ ସଂସ୍ଥା ତରଫରୁ ମାଗଣାରେ ପର୍ଯ୍ୟାପ୍ତ ପରିମାଣର ବ୍ଲିଚିଂ ଓ ଔଷଧ ଯୋଗାଇ ଦିଆଯାଇଛି । ଏତଦ୍‌ବ୍ୟତୀତ ବାତ୍ୟା ଦୁର୍ଗତମାନଙ୍କୁ ଅକ୍ସଫାମ୍ ଇଣ୍ଡିଆ, ପ୍ରିପାୟର, ରେଡକ୍ରସ୍ ଇତ୍ୟାଦି ସଂସ୍ଥାଗୁଡ଼ିକ ସହାୟତାରେ ରନ୍ଧା ଖାଦ୍ୟ, ବାସନକୁସନ, ଶୀତବସ୍ତ୍ର ଓ ଲୁଗାପଟା ଇତ୍ୟାଦି ବଣ୍ଟନ କରାଯାଇଥିଲା । ଆଗାମୀ ଦିନରେ ବାତ୍ୟାବିପନ୍ନଙ୍କ ପାଇଁ ଅନେକ କିଛି ସାହାଯ୍ୟ ତଥା ପୁନଃନିର୍ମାଣ କାର୍ଯ୍ୟ କରିବା ପାଇଁ ସଂସ୍ଥା ତରଫରୁ ଯୋଜନା କରାଯାଉଛି ବୋଲି ସମ୍ପାଦକ ଶ୍ରୀ ବିଜୟଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି ।

52

ଖବର ୬।୧୩।୧୦।୦୮

# ନାବାର୍ଡ ପକ୍ଷରୁ ୩୫ଜଣ ମହିଳାଙ୍କୁ ତାଲିମ୍

ବଲଙ୍ଗା, (ନି.ପ୍ର): ନିମାପଡା ବ୍ଲକ୍ ଅଧିନସ୍ଥ ଧନୁଆ ଓ ରେଞ୍ଚଶାସନ ଗ୍ରାମ ପଞ୍ଚାୟତର ୫ଟି ସ୍ୱୟଂସହାୟକ ଗୋଷ୍ଠୀର ୩୫ଜଣ ଗ୍ରାମୀଣ ମହିଳାଙ୍କୁ ସ୍ୱଳ୍ପ ବ୍ୟୟରେ ଶିଶୁ ଖାଦ୍ୟ ପ୍ରସ୍ତୁତି ସମ୍ପର୍କରେ ତାଲିମ୍ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥ ନାବାର୍ଡ ପକ୍ଷରୁ ଏହି ତାଲିମ୍ ପ୍ରଦାନ କରାଯାଇଛି। 'ଉନ୍ନୟନ' ସ୍ୱେଚ୍ଛାସେବୀ ସଂସ୍ଥା ସମ୍ପାଦକ ବୃନ୍ଦାବନ ସାହୁ ରଏଡ୍ ବଜାର ପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଝୁନୁଲତା ଭୂୟାଁ, ସିଏଫ୍ଏନ୍ୟୁ ଭୁବନେଶ୍ୱରର ଶରତ କୁମାରୀ ଆଚାର୍ଯ୍ୟ, ମନ୍ଦାକିନି ବେହେରା, ସିସୋର ମାର୍କେଟିଂ (ପୁରୀ) ସମେତ ଅନ୍ୟ ବିଶେଷଜ୍ଞମାନେ ତାଲିମ୍ ପ୍ରଦାନ କରିଥିଲେ। ନୀଳାଞ୍ଚଳ ଗ୍ରାମ୍ୟ ବ୍ୟାଙ୍କ୍ ରେଞ୍ଚଶାଖା ପକ୍ଷରୁ ୨ଟି ସ୍ୱୟଂସହାୟକ ଗୋଷ୍ଠୀକୁ ଶିଶୁ ଖାଦ୍ୟ ପ୍ରସ୍ତୁତି ନିମନ୍ତେ ଋଣ ପ୍ରଦାନ କରାଯାଇଥିବା ଉନ୍ନୟନ ସଂଯୋଜକ ପ୍ରଭାତ ନାୟକ ପ୍ରକାଶ କରିଛନ୍ତି।

ଧରିତ୍ରୀ ୬।୧୯।୧୦।୦୮

# କୁକୁଡା ଓ ବତକ ପାଳନ ସଂପର୍କୀୟ ତାଲିମ

ନିମାପଡ଼ା, ୧୯।୧୦ (ନି.ପ୍ର): ନାବାର୍ଡ, ଭୁବନେଶ୍ୱରର ପୃଷ୍ଠପୋଷକତାରେ ନିମାପଡ଼ା ବ୍ଲକ ଅଧିନ ସାଇଁସ ଶାସନ ଗ୍ରାମ ପଞ୍ଚାୟତର ଖିରିଖିଆ ଠାରେ ତିନି ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ତିରିଶ ଜଣ ମହିଳାଙ୍କୁ ପାଞ୍ଚ ଦିନ କୁକୁଡା ଓ ବତକ ପାଳନ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ଡା. ଜଗବନ୍ଧୁ ବେହେରା, ଲଲାଟେନ୍ଦୁ ଦଳାଇ, ସରୋଜ ପ୍ରତିହାରୀ, ଲଲାଟେନ୍ଦୁ ବାରିକ, ପ୍ରଭାତ ନାୟକ, ପ୍ରହ୍ଲାଦ ବେହେରା ପ୍ରମୁଖ ଅଂଶଗ୍ରହଣ କରି କୁକୁଡା ଓ ବତକ ପାଳନ ସଂପର୍କରେ ଜ୍ଞାନକୌଶଳ ସମ୍ବନ୍ଧରେ ସୂଚନା ଦେଇଥିଲେ । ଉନ୍ନୟନ ସ୍ୱେଚ୍ଛାସେବୀ ସଂଗଠନର ସଂପାଦକ ବୃନ୍ଦାବନ ସାହୁ ଏହି ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଉନ୍ନୟନ
UNNAYAN

Office :-
At/P.O.-RENGHALO
Dist.-PURI-752114
(ORISSA)

12

## ଦିନିକିଆ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର, : ତା୨୦।୧୨:
'ନାବାର୍ଡ'ର ବିକାଶ ସ୍ୱେଚ୍ଛାସେବୀ ବାହିନୀ କାର୍ଯ୍ୟକ୍ରମ ଅନ୍ତର୍ଗତ ଫାରମରସ୍ କ୍ଲବର ସ୍ୱୟଂସେବୀମାନଙ୍କ ପାଇଁ ଏକ ପ୍ରାଥମିକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ନିମାପଡ଼ା ବ୍ଲକର ରେଙ୍ଘାଲୋ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ 'ନାବାର୍ଡ' ସହାୟତାରେ ପୁରୀ ଗ୍ରାମ୍ୟବ୍ୟାଙ୍କ ଶ୍ରୀମୁଖ ଶାଖା ପୃଷ୍ଠ ପୋଷକତାରେ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉନ୍ନୟନ' ପରିଚାଳନାରେ ଅନୁଷ୍ଠିତ ହୋଇଥିଲା।

ଏହି ତାଲିମରେ ଯୋଗଦେଇ ପୁରୀ ଗ୍ରାମ୍ୟବ୍ୟାଙ୍କ ଶ୍ରୀମୁଖ ଶାଖା ପ୍ରବନ୍ଧକ ତାଙ୍କର ସ୍ୱାଗତ ଭାଷଣରେ ଏହି କ୍ଲବର ଉଦ୍ଦେଶ୍ୟ ଓ ସ୍ୱୟଂସେବୀ ମାନଙ୍କ ତାଲିମର ଆବଶ୍ୟକତା ଉପରେ ସୂଚନା ଦେଇଥିଲେ। ପୁରୀ ଗ୍ରାମ୍ୟବ୍ୟାଙ୍କ ମୁଖ୍ୟ ଶାଖାର ଋଣ ପ୍ରବନ୍ଧକ ମୁରଲୀଧର ପାତ୍ର ଏହି ଅଂଚଳରେ ସମ୍ଭାବ୍ୟ ବିକାଶ ଯୋଜନା ସମ୍ବନ୍ଧରେ ଚର୍ଚ୍ଚା କରିଥିଲେ। 'ନାବାର୍ଡ'ର ଆଂଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ପ୍ରବନ୍ଧକ ବିକ୍ରମ ଦାସ ଏହି ତାଲିମର ଉଦ୍ଦେଶ୍ୟ ଓ ଗ୍ରାମ ବିକାଶରେ ସରକାର ବ୍ୟାଙ୍କ ଓ ସ୍ୱୟଂସେବୀ ମାନଙ୍କର ଭୂମିକା ଉପରେ ବିଶଦ ବିବରଣୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ 'ନାବାର୍ଡ'ର ସହାୟକ ମୁଖ୍ୟ ପ୍ରବନ୍ଧକ ଅକ୍ଷୟ କୁମାର ସାହୁ ବିଭିନ୍ନ ବିକାଶ କାର୍ଯ୍ୟକ୍ରମର 'ସଫଳ' ରୂପାୟନରେ ପ୍ରତିବନ୍ଧକ ଓ ଫସଲ ବୀମା ଉପରେ ଆଲୋକପାତ କରିଥିଲେ। ଏହି ତାଲିମରେ ସ୍ୱେଚ୍ଛାସେବୀମାନେ ଫସଲ ବୀମାର ସହାୟତାରେ ବିଳମ୍ବ ହେଉଥିବାରୁ ଦୁଃଖ ପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ଅବସରରେ 'ଉନ୍ନୟନ'ର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ଗ୍ରାମ୍ୟ ଉନ୍ନୟନର ସଂପର୍କ ଦିଗ ଉପରେ ଆଲୋକପାତ କରିଥିଲେ ଓ ଏହି ଦିଗରେ ଜାତୀୟ ବ୍ୟାଙ୍କ (ନାବାର୍ଡ) ଓ ପୁରୀ ଗ୍ରାମ୍ୟ ବ୍ୟାଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ।

ପ୍ରଗତିବାଦୀ ୧୩/୬/୨୦୦୭

## ତୈଳବୀଜ ତାଲିମ ଶିବିର

ନିମାପଡା, ତା୧୨।୬ (ପି.ଏନ୍.ଏସ୍): ଗତ ୫ ତାରିଖ ବିଶ୍ୱ ପରିବେଶ ଦିବସ ଅବସରରେ ନିମାପଡା ଅତିରିକ୍ତ କୃଷି ଜିଲ୍ଲା ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉନ୍ନୟନର ମିଳିତ ଆନୁକୂଲ୍ୟରେ ନିମାପଡା ବ୍ଲକ ଅନ୍ତର୍ଗତ ରେଙ୍ଘାଲୋ ଠାରେ ଏକ ଦିନିକିଆ ବ୍ଲକସ୍ତରୀୟ ତୈଳବୀଜ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି।

ଏଥିରେ ୫୩ ଜଣ ଚାଷୀ ଯୋଗଦେଇ ତୈଳବୀଜ ଚାଷର ବିଭିନ୍ନ ଦିଗ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ନିମାପଡାର ଅତିରିକ୍ତ କୃଷି ଜିଲ୍ଲା ଅଧିକାରୀ ଦେବେନ୍ଦ୍ରନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ତାଲିମ ଶିବିରରେ କୃଷି ବିଶେଷଜ୍ଞ ସୁରେନ୍ଦ୍ର ଶାସମଲ ଓ ରାମଚନ୍ଦ୍ର ସ୍ୱାଇଁ ଯୋଗଦେଇ ତୈଳବୀଜ ଚାଷର ବିଭିନ୍ନ ବୈଜ୍ଞାନିକ ଦିଗ ଉପରେ ଚାଷୀମାନଙ୍କୁ ବୁଝାଇଥିଲେ।

ସ୍ଥାନୀୟ କୃଷି ସଂପ୍ରସାରଣ ଅଧିକାରୀ, ଗ୍ରାମ୍ୟ କୃଷିକର୍ମଚାରୀ ଓ ରେଙ୍ଘାଲୋ ଫାର୍ମରସ୍ କ୍ଲବର ସଭ୍ୟଗଣ ସହଯୋଗିତା କରିଥିଲେ। ଉନ୍ନୟନ ପକ୍ଷରୁ ସଂଯୋଜକ ବୃନ୍ଦାବନ ସାହୁ ଏହି ଶିବିରକୁ ପରିଚାଳନା କରିଥିଲେ।

ପ୍ରମେୟ

## ଖାଉଟି ସୁରକ୍ଷା ସଚେତନତା ଦିବସ

ନିମାପଡ଼ା : ରେଙ୍ଘାଲୋ ଠାରେ 'ଉନ୍ନୟନ' ପକ୍ଷରୁ ସୁରକ୍ଷା ସଚେତନତା ଦିବସ ଓ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ଶଗଡା ଗ୍ରାମପଞ୍ଚାୟତର ୭ଟି ଗ୍ରାମରୁ ୧୪ଟି ସ୍ୱୟଂସହାୟକ ଗୋଷ୍ଠୀର ୩୫ଜଣ ସଭ୍ୟାମାନଙ୍କୁ ନେଇ ଖାଉଟିମାନଙ୍କର ଦୈନନ୍ଦିନ ସମସ୍ୟା ଓ ଏହାର ସ୍ଥାୟୀ ସମାଧାନ, ବିଭିନ୍ନ ଖାଉଟି ସାମଗ୍ରୀର ଗୁଣବତ୍ତାକୁ ଚିହ୍ନିବା ସେବା ଜନିତ ସମସ୍ୟା, ଖାଉଟି ସାମଗ୍ରୀର ପରିବହନ ସମସ୍ୟା ତଥା ସରକାରୀ ଓ ବ୍ୟବସାୟିକ ସ୍ତରରେ ଉପୁଜୁଥିବା ସମସ୍ୟା ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା। ଉନ୍ନୟନର ସଭ୍ୟ ବୃନ୍ଦାବନ ସାହୁ ଉପରୋକ୍ତ ସମସ୍ତ ବିଷୟରେ ଉପାଦେୟ ତଥ୍ୟମାନ ପ୍ରଦାନ କରିଥିଲେ। ସଂଯୋଜକ ରମେଶ ମଲ୍ଲିକ ଖାଉଟିମାନେ ଅବହେଳାର ଶିକାର ହେଲେ ବା ଶୋଷିତ ହେଲେ କିପରି ଭାବେ ଉପଭୋକ୍ତା ଫୋରମ୍‌ରେ ଅଭିଯୋଗ ଦାଖଲ କରିପାରିବେ ତାହାର ଆଇନଗତ ଦିଗ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଶେଷରେ ରଞ୍ଜିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ

## ପଶୁ ଚିକିତ୍ସା ଶିବିର

ଗୋପ : ପୁରୀଜିଲ୍ଲା ନିମାପଡା ବ୍ଲକ ଅଧୀନସ୍ଥ ଶଗଡା ଗ୍ରା.ପ.ର ବଡମାଛପୁର ହାଇସ୍କୁଲ ପଡିଆଠାରେ ଗତ ୧୪ତାରିଖ ଦିନ ରେଙ୍ଘାଲୋ ଫାର୍ମର୍ସ କ୍ଲବ ଆୟୋଜନରେ ଓ ନିମାପଡା ପଶୁଚିକିତ୍ସା କେନ୍ଦ୍ର ସହାୟତାରେ ଏକ ଦିନିକିଆ ମାଗଣା ପଶୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରେଙ୍ଘାଲୋ, ବଡମାଛପୁର, ଛତାହର ବେଗପାଟଣା ଗ୍ରାମରୁ ଆସିଥିବା ୧୫୮ଟି ଗୋରୁଗାଈଙ୍କୁ ଚିକିତ୍ସା କରାଯାଇଥିଲା। ନିମାପଡା ପଶୁ ଚିକିତ୍ସା କେନ୍ଦ୍ରର ପଶୁ ଚିକିତ୍ସକ ଡାକ୍ତର ତରୁଣ କୁମାର ପଣ୍ଡା ଗୋରୁଗାଈଙ୍କୁ ଚିକିତ୍ସା କରିଥିଲେ। ରେଙ୍ଘାଲୋ କୃତ୍ରିମ ପ୍ରଜନନ କେନ୍ଦ୍ରର ଏ.ଆଇ. ସରୋଜ ନାୟକ ଏଥିରେ ତାଙ୍କୁ ସାହାଯ୍ୟ କରିଥିଲେ। ରେଙ୍ଘାଲୋ ଫାର୍ମର୍ସ କ୍ଲବ ତରଫରୁ ବୃନ୍ଦାବନ ସାହୁ ଶିବିର ପରିଚାଳନା କରିଥିଲେ।

# UNNAYAN

unnayan

At/P.o. : Renghalo
Dist. : Puri, Pin-752114 (Orissa) India.
E-mail : unnayanmail@yahoo.com/unnayan@sanchar net.in
(An organisation registered under S. R. Act in 1982-83 and registered under FCRA in 2001-02)

Tel.: 91-6758-235111
Fax : 91-6758-235111


Ref. No........................ Date :..........................

## ସୌରଦିବସ ପାଳିତ

ନିମାପଡ଼ା,ତା୧୭।୫(ସତ୍ୟଖବର ନ୍ୟୁଜ୍) ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଶଗଡ଼ା ଗ୍ରାମ ପଞ୍ଚାୟତର 'ଉନ୍ନୟନ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ହରିପୁର ଗ୍ରାମପଞ୍ଚାୟତ ଠାରେ ୨୦ ଜଣ ସ୍କୁଲ ପିଲାଙ୍କୁ ନେଇ ସୌର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ବୈଠକରେ ସୂର୍ଯ୍ୟଙ୍କ କିରଣରେ ବହୁ ଔଷଧୀୟ ଗୁଣ ଏବଂ ଭିଟାମିନ-ଡି ଭରି ରହିଛି ବୋଲି, ଯେଉଁ ଶକ୍ତିକୁ ଉପଯୋଗ କରି ଅଣପାରମ୍ପରିକ ଶକ୍ତି ଉତ୍ପାଦନ କରାଯାଉଛି ବୋଲି ଉପସ୍ଥିତ ଆଲୋଚକମାନେ ମତ ପ୍ରକାଶ କରିଥିଲେ । ଏହି ଦିବସଟି ଉନ୍ନୟନ ପକ୍ଷରୁ ବୃନ୍ଦାବନ ସାହୁ ପରିଚାଳନା କରିଥିଲେ ।

## ଛତୁଚାଷ ଉଦ୍ୟୋଗ ବିକାଶ ତାଲିମ୍ ଶିବିର

ନିମାପଡ଼ା : ନିମାପଡ଼ା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ 'ଉନ୍ନୟନ' ପକ୍ଷରୁ ଏହି ବ୍ଲକ୍ ମିଟେଇପୁର ଗ୍ରାମପଞ୍ଚାୟତର ୧୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୪୫ଜଣ ମହିଳା ଉଦ୍ୟୋଗୀଙ୍କୁ ନେଇ ଏକ ୫ଦିନିଆ ଛତୁଚାଷ ଉଦ୍ୟୋଗ ବିକାଶ ତାଲିମ୍ ଶିବିର ଆୟୋଜିତ ହୋଇଯାଇଛି । ଗତ ମାସ ୨୬ ତାରିଖ ଦିନ ଏହି ତାଲିମ୍ ଶିବିରର ଉଦ୍‌ଘାଟନୀ ଉତ୍ସବରେ ପୁରୀ ଜିଲ୍ଲା ନାବାର୍ଡ଼ର ସହାୟକ ପ୍ରବନ୍ଧକ ନାରାୟଣ ଚନ୍ଦ୍ର ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରୀ ଗ୍ରାମ୍ୟ ବ୍ୟାଙ୍କ ନିମାପଡ଼ା ଶାଖା ପରିଚାଳକ ଜୟଚନ୍ଦ୍ର ସାହୁ, ନିମାପଡ଼ାର ସହକାରୀ ଉଦ୍ୟାନ ଅଧିକାରୀ ବୈଷ୍ଣବ କୁମାର ବାରିକ, ଛତୁଚାଷ ବିଶେଷଜ୍ଞ ତଥା ପରାମର୍ଶଦାତା ସନ୍ତୋଷ କୁମାର ମିଶ୍ର, କାକଟପୁର କୃଷିବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞ ହେମନ୍ତ କୁମାର ସାହୁ ପ୍ରମୁଖ ଏହି ୫ଦିନିଆ ଶିବିରରେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଛତୁଚାଷ ଉଦ୍ୟୋଗ ସମ୍ପର୍କିତ ତାଲିମ୍ ଓ ଅର୍ଥନୈତିକ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ । ରେଙ୍ଗାଳୋସ୍ଥିତ ଉନ୍ନୟନ ପକ୍ଷରୁ ବୃନ୍ଦାବନ ସାହୁ, ରମେଶ ମଲ୍ଲିକ ଓ ଶ୍ରୀକାନ୍ତ କୁମାର ରାଉତ ଶିବିର ପରିଚାଳନା କରିଥିଲେ । 'ଉନ୍ନୟନ'ର ସମ୍ପାଦିକା ରଞ୍ଜିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

**ସତ୍ୟ ଖବର**

## ଖେଲାରଠାରେ ୩ଦିନିଆ ଗୋ-ପାଳନ ପ୍ରଶିକ୍ଷଣ ଶିବିର

ଖେଲାର, ତା୪।୬(ସତ୍ୟବ୍ୟୁରୋ) କଣ୍ଢାବଣିଆ ଗ୍ରାମରେ ୩ଦିନ ବ୍ୟାପି ଗୋ-ପାଳନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ନାବାର୍ଡ ସହାୟତାରେ ଖେଲାର ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉନ୍ନୟନ' ରେଙ୍ଗାଳୋ ଅୟୋଜନ ହୋଇଥିଲା। ଏହି ଶିବିରରେ ନୀଳାଚଳ ଗ୍ରାମ୍ୟବ୍ୟାଙ୍କ ଖେଲାର ଶାଖାର ପରିଚାଳକ ଭିକାରୀ ଚରଣ ପତି, ଓମ୍‌ଫେଡ୍.ର ତ୍ରିଲୋଚନ ସାହୁ, ନିମାପଡ଼ାର ଭି.ଏସ୍. ଜଗବନ୍ଧୁ ବେହେରା, ଗୋପବନ୍ଧୁ ସାହୁ, ଘାସ ଚାଷ ଅଧିକାରୀ, କ୍ଷେତ୍ରବୈଜ୍ଞାନିକ ହେମନ୍ତ ସାହୁ, ଏଜି.ଏମ୍. ନାବାର୍ଡ ପୁରୀର ପ୍ରବୀର ପଣ୍ଡା, କୃଷିବିଜ୍ଞାନ କେନ୍ଦ୍ର କାକଟପୁରର ଡଃ ବିଷ୍ଣୁପ୍ରିୟା ମିଶ୍ର ଯୋଗଦେଇ ଗୋ-ପାଳନର ଉପକାରିତା ତଥା ପଶୁପାଳନ ତାଲିମ୍ ପ୍ରଦାନ କରିଥିଲେ। ହରିପୁର, ବାଲିଆ ଶାସନ, କଣ୍ଢାବଣିଆ, ଖିରିଖିଆ ଗ୍ରାମର ୮ଟି ସ୍ୱୟଂ ସହାୟକ ଦଳର ପ୍ରାୟ ୫୦ଜଣ ମହିଳା ଯୋଗଦେଇ ସଫଳତା ଓ ବିଫଳତା ଉପରେ ଆଲୋଚନା କରିଥିଲେ। ଅବସର ପ୍ରାପ୍ତ ଶିକ୍ଷକ ଗିରିଧାରୀ ବିଶ୍ୱାଳଙ୍କ ସହଯୋଗରେ ଉକ୍ତ ଶିବିର ସଂପାଦନ ହୋଇଥିଲା। ସଂପାଦକ ବୃନ୍ଦାବନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

[illegible], ତା ୨୭।୯।୨୦୦୯

## କ୍ଷୁଦ୍ର ଉଦ୍ୟୋଗ ବିକାଶ କୁକୁଡ଼ା ଓ ବତକ ଚାଷ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ

ସାଇଁଶ,ତା ୨୩/୦୯ (ସତ୍ୟବ୍ୟୁରୋ) ନିମାପଡ଼ା ବ୍ଲକର ସାଇଁଶ ଶାସନ ଗ୍ରାମ ପଞ୍ଚାୟତର ୩ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀରୁ ୩୦ଜଣ ମହିଳାଙ୍କୁ ନେଇ ୫ ଦିବସୀୟ ତାଲିମ କାର୍ଯ୍ୟ ନାବାର୍ଡ଼, ଭୁବନେଶ୍ୱରଙ୍କ ସହାୟତାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଦିବସରେ ଡ଼ଃ ଜଗବନ୍ଧୁ ବେହେରା, ଲଲାଟେନ୍ଦୁ ଦଳାଇ, ଲଲାଟେନ୍ଦୁ ବାରିକ, ପ୍ରହଲ୍ଲାଦ ବେହେରା, ପ୍ରଭାତ ନାୟକ, ସରୋଜ ପ୍ରତିହାରୀ ବିଶେଷଜ୍ଞଙ୍କୁ ନେଇ ଏହି ତାଲିମ ପ୍ରଦାନ କରାଯାଇଥିଲା।। ଏହି ମହିଳାମାନେ ନିଜ ଉଦ୍ୟମରେ କୁକୁଡ଼ା ଓ ବତକ ପାଳନ ପାଇଁ ଆଗ୍ରହ ପ୍ରକାଶ କରିବା ବିଷୟ ସଂପାଦକ ବୃନ୍ଦାବନ ସାହୁଙ୍କୁ ଜଣାଇଛନ୍ତି। ନୀଳାଚଳ ଗ୍ରାମ୍ୟ ବ୍ୟାଙ୍କ ତରଫରୁ ଏହି ଦଳମାନଙ୍କୁ ବ୍ୟାଙ୍କ ଋଣ ଯୋଗାଇ ଦିଆଯାଇଛି। କୃଷି ବିଜ୍ଞାନକେନ୍ଦ୍ର ତରଫରୁ ଏଥି ସମ୍ବନ୍ଧରେ ବୈଷୟିକ ଜ୍ଞାନ ଓ ସହାୟତା ପ୍ରଭୃତି ବିଭିନ୍ନ ସମୟରେ ଯୋଗାଇ ଦେବାର ବ୍ୟବସ୍ଥା ରହିଛି।ହ'

[illegible] ତା ୬।୯।୨୦୦

## କ୍ଷୁଦ୍ର ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମରେ ଜିଆଖତ ପ୍ରସ୍ତୁତି ଶିବିର

ଖେଲାର,ତା୦୨/୦୯(ସତ୍ୟବ୍ୟୁରୋ) ନିମାପଡ଼ା ବ୍ଲକର ହରିପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ନାବାର୍ଡ଼ ସହାୟତାରେ ୩ ଦିନ ଧରି ଜିଆଖତ ପ୍ରସ୍ତୁତି ସମ୍ବନ୍ଧୀୟଏକ ଶିବିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉନ୍ନୟନ' ଦ୍ୱାରା ଅୟୋଜିତ ହୋଇଯାଇଛି। ଏଥିରେ ବିଭିନ୍ନ ଦିବସରେ କୃଷି ବିଜ୍ଞାନ କେନ୍ଦ୍ର କାକଟପୁରର ଡ଼ଃ ବବିତା ମିଶ୍ର ଓ ଜେଏଚ୍ ଓ ଓ ଡ଼ଃ ଅମିତା ଚଟ୍ଟୋପାଧ୍ୟାୟ, ବୈଜ୍ଞାନିକ, ଜିଆଚାଷ ସମ୍ବନ୍ଧୀୟ ଚାଷ ପଦ୍ଧତି, ମାର୍କେଟିଂ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ଏଥିରେ ୩୦ଜଣ ମହିଳା ଭାଗ ନେଇ ଶିକ୍ଷାଗ୍ରହଣ କରିବା ସହ ଏକ କ୍ଷେତ୍ର ପ୍ରଦର୍ଶନ ଗୋଡ଼ିମାଳ ଠାରେ କରାଯାଇଥିଲା। ଉନ୍ନୟନର ସଂପାଦକ ବୃନ୍ଦାବନସାହୁ ଓ ପ୍ରଭାତ ନାୟକ ଉକ୍ତ କାର୍ଯ୍ୟକ୍ରମକୁ

**ସତ୍ୟ ଖବର**

## ଖେଲାରଠାରେ ତିନିଦିନିଆ ଗୋ-ପାଳନ ପ୍ରଶିକ୍ଷଣ ଶିବିର

ଖେଲାର, ତା୪।୬(ସତ୍ୟବ୍ୟୁରୋ) କଣ୍ଟାବଣିଆ ଗ୍ରାମରେ ୩ଦିନ ବ୍ୟାପି ଗୋ-ପାଳନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ନାବାର୍ଡ ସହାୟତାରେ ଖେଲାର ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉନ୍ନୟନ' ରେଙ୍ଗାଲୋ ଅୟୋଜନ ହୋଇଥିଲା। ଏହି ଶିବିରରେ ନୀଳାଚଳ ଗ୍ରାମ୍ୟବ୍ୟାଙ୍କ ଖେଲାର ଶାଖାର ପରିଚାଳକ ଭିକାରି ଚରଣ ପତି, ଓମ୍‌ଫେଡ୍‌.ର ତ୍ରିଲୋଚନ ସାହୁ, ନିମାପଡ଼ାର ଭି.ଏସ୍. ଜଗବନ୍ଧୁ ବେହେରା, ଗୋପବନ୍ଧୁ ସାହୁ, ଘାସ ଚାଷ ଅଧିକାରୀ, କ୍ଷେତ୍ରବୈଜ୍ଞାନିକ ହେମନ୍ତ ସାହୁ, ଏଜି.ଏମ୍. ନାବାର୍ଡ ପୁରୀର ପ୍ରବୀର ପଣ୍ଡା, କୃଷିବିଜ୍ଞାନ କେନ୍ଦ୍ର କାକଟପୁରର ଡଃ ବିଷ୍ଣୁପ୍ରିୟା ମିଶ୍ର ଯୋଗଦେଇ ଗୋ-ପାଳନର ଉପକାରିତା ତଥା ପଶୁପାଳନ ତାଲିମ୍ ପ୍ରଦାନ କରିଥିଲେ। ହରିପୁର, ବାଲିଆ ଶାସନ, କଣ୍ଟାବଣିଆ, ଖିରିଖିଆ ଗ୍ରାମର ୮ଟି ସ୍ୱୟଂ ସହାୟକ ଦଳର ପ୍ରାୟ ୫୦ଜଣ ମହିଳା ଯୋଗଦେଇ ସଫଳତା ଓ ବିଫଳତା ଉପରେ ଆଲୋଚନା କରିଥିଲେ। ଅବସର ପ୍ରାପ୍ତ ଶିକ୍ଷକ ଗିରିଧାରୀ ବିଶ୍ୱାଳଙ୍କ ସହଯୋଗରେ ଉକ୍ତ ଶିବିର ସଂପାଦନ ହୋଇଥିଲା। ସଂପାଦକ ବୃନ୍ଦାବନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସତ୍ୟ ଖବର , ନିମାପଡ଼ା.

୬|୯|୨୦୦୫.

## କ୍ଷୁଦ୍ର ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମରେ ଦୁଗ୍ଧଜାତ ଉତ୍ପାଦନ ପ୍ରସ୍ତୁତ ତାଲିମ୍

ନିମାପଡ଼ା ୯/୯ (ସତ୍ୟବ୍ୟୁରୋ) ଏହି ବ୍ଲକ ଅଧିନସ୍ଥ ମିଟେଇପୁର ଗ୍ରା.ପ.ର ଜାମୁଦଣ୍ଡାଠାରେ ଦୁଇ ଗୋଟି ସ୍ୱୟଂସହାୟକ ଗୋଷ୍ଠୀରୁ ୩୦ଜଣ ମହିଳାଙ୍କୁ ନେଇ ନାବାର୍ଡ଼ ସହାୟତାରେ ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦ ପ୍ରସ୍ତୁତ ସମ୍ବନ୍ଧୀୟ ତାଲିମ ସମ୍ବନ୍ଧରେ ୩ ଦିନ ଧରି ପ୍ରଦାନ କରାଯାଇଥିଲା। ନିମାପଡ଼ାର ଅତିରିକ୍ତ ପଶୁଚିକିତ୍ସିକ ଜଗବନ୍ଧୁ ବେହେରା, ଶ୍ରୀମୁଖ ପଶୁଧନ ନିରୀକ୍ଷକ ଲଲାଟେନ୍ଦୁ ଦଳାଇ, ପ୍ରଭାତୀ ନାୟକ, ସୁପରଭାଇଜର ଅନୀତା ସ୍ୱାଇଁ, ବିଭୂତି ବେହେରା ଓ ରବୀନ୍ଦ୍ରନାଥ ନାୟକ ବିଭିନ୍ନ ଦିବସରେ ଗୋ-ପାଳନ, ଏହାର ଆନୁସଙ୍ଗିକ ରକ୍ଷ ପଦ୍ଧତି ଓ ବିଭିନ୍ନ ପ୍ରକାରର ଦୁଗ୍ଧଜାତ ଉତ୍ପାଦନ ସମ୍ବନ୍ଧରେ ଆଲୋଚନା କରିଥିଲେ। 'ଉନ୍ନୟନ'ର ସମ୍ପାଦକ ବୃନ୍ଦାବନ ସାହୁ, ବ୍ୟାଙ୍କ ଋଣରେ ଗୋ-ପାଳନ କରି ଦୁଗ୍ଧ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଆରୋପ ପାଇଁ ସୁଚନା ଦେଇଥିଲେ।

ସତ୍ୟଖବର ୮|୭|୨୦୦୫

## ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦ ସମ୍ବନ୍ଧୀୟ ତାଲିମ୍

ଖେଲାର,ତା୦୭/୦୯(ସତ୍ୟବ୍ୟୁରୋ) ନିମାପଡ଼ା ବ୍ଲକ ଅଧୀନସ୍ଥ ରେଞ୍ଚ ଶାସନ ଗ୍ରାମ ପଞ୍ଚାୟତରୁ ୬ଟି ସ୍ୱୟଂ ସହାୟକ ଗୋଷ୍ଠୀରୁ ୪୦ଜଣ ସ୍ୱୟଂ ସହାୟକ ଦଳର ସଭ୍ୟାମାନଙ୍କୁ ନେଇ ରେଞ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନାବାର୍ଡ଼ ପୃଷ୍ଠପୋଷକତାରେ ୩ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦ ପ୍ରସ୍ତୁତ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମରେ ନିମାପଡ଼ା ଅତିରିକ୍ତ ପ୍ରାଣୀ ଚିକିତ୍ସିକ ଡ଼ଃ ଜଗବନ୍ଧୁ ବେହେରା ଓ ପୂର୍ବତନ ପ୍ରାଣୀ ଚିକିତ୍ସିକ ଡ଼ଃ ତରୁଣ ପଣ୍ଡା, ପ୍ରାଣୀଧନ ନିରୀକ୍ଷକ, ଶ୍ରୀମୁଖର ଲଲାଟେନ୍ଦୁ ଦଳାଇ, ଓମ୍‌ଫେଡ଼ର ସୁପରଭାଇଜର ଅନିତା ସ୍ୱାଇଁଙ୍କ ସମେତ ବହୁ ବିଶେଷଜ୍ଞଙ୍କୁ ନେଇ ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ। ଉନ୍ନୟନର ସଂପାଦକ ଅଧିକରୁ ଅଧିକ ଉଦ୍ୟୋଗ ସୃଷ୍ଟି କରାଯିବ ସୂଚନା ପ୍ରଦାନ କରିଥିଲେ।

ସତ୍ୟଖବର ୮|୯|୨୦୦୫

## କମଖର୍ଚ୍ଚରେ ଶିଶୁ ଖାଦ୍ୟ ପ୍ରସ୍ତୁତି ତାଲିମ୍

ଶଗଡ଼ା, ତା୦୭/୦୯(ସତ୍ୟବ୍ୟୁରୋ) ନିମାପଡ଼ା ବ୍ଲକ ଅଧୀନସ୍ଥ ରଏଡ଼ବଜାର ପ୍ରାଥମିକ ବିଦ୍ୟାଳୟଠାରେ ଧନୁଆଁ ଓ ରେଞ୍ଚ ଶାସନ ଗ୍ରାପର ୫ଗୋଟି ସ୍ୱୟଂସହାୟଙ୍କ ଗୋଷ୍ଠୀରୁ ୩୫ଜଣ ମହିଳାଙ୍କୁ ପରିପୂରକ ପୃଷ୍ଟିକର ଶିଶୁ ଖାଦ୍ୟ ପ୍ରସ୍ତୁତି ସମ୍ବନ୍ଧୀୟ ତାଲିମ ନାବାର୍ଡ଼ ଭୁବନେଶ୍ୱର ପୃଷ୍ଠପୋଷକରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଦିବସରେ କୃଷି ବିଜ୍ଞାନ କେନ୍ଦ୍ରରୁ ଝୁନୁଲତା ଭୂୟାଁ, ସିଏଫଏନୟୁ ଭୁବନେଶ୍ୱରରୁ ଶରତ ଆଚାର୍ଯ୍ୟ, ମନ୍ଦାକିନି ହେହେରା, ସି.ସୋର, ମାର୍କେଟିଂ,ପୁରୀ ଓ ଅନ୍ୟାନ୍ୟ ବିଶେଷଜ୍ଞମାନେ ତାଲିମ ପ୍ରଦାନ କରିଥିଲେ। ନୀଳାଚଳ ଗ୍ରାମ୍ୟ ବ୍ୟାଙ୍କ ରେଞ୍ଚଶାଖାରେ ୨ଗୋଟି ଦଳକୁ ଋଣ ପ୍ରଦାନ କରାଯାଇଥିବାରୁ ଏହି ଅର୍ଥରେ କ୍ଷୁଦ୍ର ବ୍ୟବସାୟମାନ କରିବା ପାଇଁ ସଂପାଦକ ବୃନ୍ଦାବନସାହୁ ଶିବିରାର୍ଥୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଉନ୍ନୟନର ସଂଯୋଜକ, ପ୍ରଭାତ ନାୟକ ଉକ୍ତ କାର୍ଯ୍ୟକୁ ସଂଚାଳନ କରିଥିଲେ।

ଖବର

## ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥ ଉତ୍ପାଦ ସମ୍ବନ୍ଧୀୟ ତାଲିମ୍ ଶିବିର

ବଳଙ୍ଗା, (ନି.ପ୍ର) : ନିମାପଡ଼ା ବ୍ଲକ୍ ଅଧିନସ୍ଥ ରେଞ୍ଚ ଶାସନ ଗ୍ରାମପଞ୍ଚାୟତର ୬ଟି ସ୍ୱୟଂ ସହାୟକ ଗୋଷ୍ଠୀର ୪୦ ଜଣ ସଭ୍ୟାମାନଙ୍କୁ ନେଇ ରେଞ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନାବାର୍ଡ଼ ପୃଷ୍ଟପୋଷକତାରେ ତିନିଦିନ ଧରି ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦ ପ୍ରସ୍ତୁତ ସମ୍ବନ୍ଧୀୟ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା ଅତିରିକ୍ତ ପଶୁ ଚିକିତ୍ସକ ଡଃ. ଜଗବନ୍ଧୁ ବେହେରା ଓ ପୂର୍ବତନ ପଶୁ ଚିକିତ୍ସକ ଡଃ ତରୁଣ କୁମାର ପଣ୍ଡା, ପଶୁଧନ ନିରୀକ୍ଷକ ଶ୍ରୀମୁଖର ଲଲାଟେନ୍ଦୁ ଦଳାଇ, ଓମ୍‌ଫେଡ଼୍‌ର ସୁପରଭାଇଜର ଅନିତା ସ୍ୱାଇଁଙ୍କ ସମେତ ବହୁ ବିଶେଷଜ୍ଞଙ୍କୁ ନେଇ ଦୁଗ୍ଧଜାତ ତାଲିକାମାନ ପ୍ରଦାନ କରାଯାଇଥିଲା। ଉନ୍ନୟନ ସମ୍ପାଦକ ବୃନ୍ଦାବନ ସାହୁ ତାଲିମ୍ କାର୍ଯ୍ୟକ୍ରମ ପରେ ବିଭିନ୍ନ ଗୋଷ୍ଠୀକୁ ଋଣ ମାଧ୍ୟମରେ କିପରି ଉଦ୍ୟୋଗ ସୃଷ୍ଟି କରାଯିବ ତାହା ବିଷୟରେ ସୂଚନା ଦେଇଥିଲେ।

## ବ୍ୟାପକ ଗୋଷ୍ଠୀଗତ ମତ୍ସ୍ୟଚାଷ ସମ୍ବନ୍ଧୀୟ ତାଲିମ

ନିମାପଡ଼ା, ତା୧୬।୦୯(ସତ୍ୟବ୍ୟୁରୋ) ସ୍ଥାନୀୟ ବ୍ଲକରେ ବିଭିନ୍ନ ପଞ୍ଚାୟତରେ ବହୁତ ଜଳଉତ୍ସର ସମ୍ଭାର ଥିବାବେଳେ ଏହା ପରିତ୍ୟକ୍ତ ଅବସ୍ଥାରେ ଜଳପୂର୍ଣ୍ଣ ଅବହେଳିତ ହୋଇ ପଡ଼ିରହିଛି। 'ଉନ୍ନୟନ' ତରଫରୁ କେନ୍ଦ୍ରୀୟ ମଧୁର ଜଳ ସଂସ୍ଥାନ, ଭୁବନେଶ୍ୱରଙ୍କୁ ଅବଗତ କରାଯାଇଥିବା ପରିପ୍ରେକ୍ଷୀରେ,ସିଫାର ବରିଷ୍ଠ ବୈଜ୍ଞାନିକ ଡ଼ଃ ଜି.ଏସ୍.ସାହୁ, ଡ଼ଃ ରାଧେଶ୍ୟାମ ପ୍ରମୁଖ ବରିଷ୍ଠ ବୈଜ୍ଞାନିକମାନେ ହରିପୁର, ଶାଇଁସ ଶାସନ, ରେଞ୍ଚଶାସନ, ଶଗଡ଼ା, ଅଳଣ୍ଡା ଗ୍ରାମପଞ୍ଚାୟତର ୪୦ଗୋଟି ଗୋଷ୍ଠୀଗତ ଭାବେ ଚାଷ କରାଯାଉଥିବା ପୋଖରୀକୁ ବୁଲି ଦେଖିଛନ୍ତି। ୬ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ମାଛଚାଷ ପୋଖରୀକୁ ବୁଲି ଦେଖିଛନ୍ତି। ଏହି ପୋଖରୀର ମାଛଚାଷକୁ ସମୃଦ୍ଧ କରିବା ସହ, ମାଟି, ପାଣି ପରୀକ୍ଷା, ଚାଷ କୌଶଳର ଆମୁଳଚୂଳ ପରିବର୍ତ୍ତନ, ମାଛ ଚାଷରେ ତାଲିମ ଖସଡ଼ା ପ୍ରସ୍ତୁତ କରିବା, ସୁଷମ ଖାଦ୍ୟ, ଖତସାର ପ୍ରୟୋଗ ବିଧି ଓ ଉନ୍ନତ ଯାଆଁଳ ଛାଡ଼ିବା ଓ ନର୍ସରୀ ପ୍ରତିଷ୍ଠା ସମ୍ବନ୍ଧୀୟ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ଜରିଆରେ ମାଛ ଚାଷର ଉନ୍ନତି କରାଯିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଉଥିବାରୁ ଉନ୍ନୟନର ସଂପାଦକ ବୃନ୍ଦାବନ ସାହୁ ସିଫାର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ଏଥି ସହ ମାଗୁର, କଉ, ଶେଉଳ ଚାଷ ପରିତ୍ୟକ୍ତ ପୋଖରୀରେ କରିବା ପାଇଁ ଅନୁରୋଧ କରିଛନ୍ତି। ଏହାର ସଫଳତା ପାଇବା ପରେ ଅଧିକରୁ ଅଧିକରୁ ଅଧିକ ମାଛଚାଷ କରିବା ପାଇଁ ଜନସଚେତନତା ସୃଷ୍ଟି କରିବାର ଉନ୍ନୟନ ତରଫରୁ ଲକ୍ଷ୍ୟ ରହିଥିବା ଜଣାପଡ଼ିଛି।

## ନୀରୋଗ ପାଇଁ ଯୋଗ ପ୍ରାକୃତିକ ଚିକିତ୍ସା ଶିବିର

ଗୋପ ତା୨୯।୧୦ (ସତ୍ୟବ୍ୟୁରୋ) ଯୋଗ ପ୍ରାକୃତିକ ଚିକିତ୍ସା ସଂକ୍ରାନ୍ତୀୟ ଶିବିର ନିକଟସ୍ଥ ଦିଘାଳ ମଧ୍ୟଇଂରାଜୀ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାକୃତିକ ଚିକିତ୍ସା ଦ୍ୱାରା କିପରି ନିରୋଗ ଜୀବନ ଯାପନ କରିବେ ସେ ସଂପର୍କରେ ପ୍ରତ୍ୟକ୍ଷ ଜ୍ଞାନକୌଶଳ ଆହରଣ ପାଇଁ କଟକର ଡ଼ଃ ସୁରେନ୍ଦ୍ର ପ୍ରଧାନ, ବିଜୟ ପୃଷ୍ଟି, ରୀତାଞ୍ଜଳୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଯୋଗ ଛାତ୍ରୀ ଶୁଭସ୍ମିତା ନାୟକ ଯୋଗ ସମ୍ପର୍କିତ ପ୍ରତ୍ୟକ୍ଷ ଶିକ୍ଷାଦାନ କରିଥିଲେ । ଏଥିରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ସରକାରୀ ଅନୁଦାନରେ ଉନ୍ନୟନ ସ୍ୱେଚ୍ଛାସେବୀ ସଂସ୍ଥା ମାଧ୍ୟମରେ ପରିଚାଳିତ ହୋଇଥିଲା ।

## ସ୍ୱରୋଜଗାର ପାଇଁ ମହିଳା ତାଲିମ ଶିବିର

ଶଗଡ଼ା,ତା୧୬।୦୯(ସତ୍ୟବ୍ୟୁରୋ) ନିମାପଡ଼ା ବ୍ଲକର ଶଗଡ଼ା ଗ୍ରାମ ପଞ୍ଚାୟତରୁ ୩୦ ଜଣ ହରିଜନ ମହିଳାଙ୍କୁ ଭାରତ ସରକାରଙ୍କ ପୃଷ୍ଟିସାଧନ ବୋର୍ଡ଼ ,ଶିଶୁ ଓ ମହିଳା ବିକାଶ ବିଭାଗ ସୌଜନ୍ୟରୁ 'ଉନ୍ନୟନ' ଆୟୋଜନରେ ରେଙ୍ଘାଲୋ ଠାରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ କର୍ଯ୍ୟକ୍ରମରେ ଫଳ ପନିପରିବାରୁ ଜାମ, ଜେଲି, ଆଚାର ,ଚଟଣି, ପୌଷ୍ଟିକ ଶିଶୁମାନଙ୍କ ଖାଦ୍ୟ ଓ ବ୍ୟଞ୍ଜନ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଛି। ତାଲିମ ପୃଷ୍ଟିସାଧନ ବୋର୍ଡ଼ର ବିକ୍ରମ ମାଝି ଏହି ବିଷୟରେ ତାଲିମ ପ୍ରଦାନ କରିଥିଲେ। ଉନ୍ନୟନର ସଂପାଦକ, ବୃନ୍ଦାବନ ସାହୁ ହରିଜନ ମହିଳାମାନେ କିପରି ଅଧିକ ଲାଭ ଉଠାଇପାରିବେ ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ। ପ୍ରଭାତ ନାୟକ ଏହି ଶିବିର ପରିଚାଳନା କରିଥିଲେ।

## ଉଦ୍ୟାନବିଭାଗ ତରଫରୁ ମାଗଣାରେ ୫ହଜାର ଗୁଆଚାରା ବିତରଣ

ଶଗଡା, ତା୨୮।୧୦(ସତ୍ୟବ୍ୟୁରୋ) ଶଗଡା ଗ୍ରାମ ପଞ୍ଚାୟତର ରେଙ୍ଘାଲୋ, ବଡମାଛପୁର ଓ କେରାଣ୍ଡିଆବିନ୍ଧା ଗ୍ରାମର ୨୪୩ ଜଣ ହିତାଧିକାରୀମାନଙ୍କୁ କ୍ଷେତ୍ରପଦର୍ଶନ ଯୋଜନାରେ ଗୁଆଚାରା ବିତରଣ କାର୍ଯ୍ୟକ୍ରମ ରେଙ୍ଘାଲୋଠାରେ ସମାପନ ହୋଇଯାଇଛି। ୫ଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ୨୪୩ଜଣ ହିତାଧିକାରୀଙ୍କୁ ମୋଟ ୫୦୦୦ ଗୁଆଗଛ ଚାରା ବିତରଣ କାର୍ଯ୍ୟକ୍ରମରେ ନିମାପଡା ହର୍ଟିକଲଚରର ଗ୍ରାଫ୍ଟର ନବଘନ ସ୍ୱାଇଁଙ୍କ ଉପସ୍ଥିତିରେ ଶ୍ରୀକାନ୍ତ ରାଉତ, ଅଭିମନ୍ୟୁ ପ୍ରଧାନ, ମହମ୍ମଦ ଇସାକ ପ୍ରଭୃତି ସ୍ୱେଚ୍ଛାସେବୀମାନଙ୍କ ଉପସ୍ଥିତିରେ ଏହା ଲୋକମାନଙ୍କୁ ପ୍ରଦାନ କରାଯାଇଥିଲା।

## ରେଂଘାଲୋରେ କୃଷକ ସଭା

(ପ୍ରଗତିବାଦୀ ନିଉଜ୍ ସର୍ଭିସ)

ପୁରୀ, ତା୩୦।୩ଃ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଶଗଡ଼ା ଗ୍ରାମ ପଂଚାୟତ ସ୍ଥିତ ରେଘାଲୋ ଏମ୍.ଇ. ସ୍କୁଲ ପ୍ରାଙ୍ଗଣରେ ନାବାର୍ଡ ଓ ସ୍ଥାନୀୟ ଗ୍ରାମ୍ୟ ବ୍ୟାଙ୍କ ପ୍ରଚେଷ୍ଟାରେ ଏକ କୃଷକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲ୍ଲା ଗ୍ରାମ୍ୟ ବ୍ୟାଙ୍କ ଚେୟାରମ୍ୟାନ ଶ୍ରୀ ପ୍ରଶାନ୍ତ କୁମାର ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ଏହି ସଭାରେ ରେଘାଲୋ, ବଡ଼ ମାଛପୁର, କେରାଣ୍ଡିଆ ବିଦ୍ଧା ଏହି ୩ଟି ଗ୍ରାମର ପ୍ରାୟ ୩୦ ଜଣ ଚାଷୀ ଯୋଗଦେଇଥିଲେ। ଏଥିରେ ନାବାର୍ଡ ତରଫରୁ ପୁରୀ ଜିଲ୍ଲା ଡେଭଲପମେଣ୍ଟ ମ୍ୟାନେଜର ଶ୍ରୀଯୁକ୍ତ ସାହୁ ଯୋଗଦେଇ କୃଷି ଓ ଗ୍ରାମ୍ୟ ଉନ୍ନୟନରେ ନାବାର୍ଡର ଆଭିମୁଖ୍ୟ ତଥା 'ଫାର୍ମର୍ସ କ୍ଲବ'ର ଭୂମିକା ଓ ଗୁରୁତ୍ୱ ଉପରେ ଆଲୋକପାତ କରିବା ସଂଗେ ସଂଗେ ଋଣ ମାଧ୍ୟମରେ ଉନ୍ନୟନ ସଂପର୍କରେ ବିଶଦ ଆଲୋଚନା କରିଥିଲେ। ଚେୟାରମ୍ୟାନ ଶ୍ରୀଯୁକ୍ତ ତ୍ରିପାଠୀ ଓ ସ୍ଥାନୀୟ ପୁରୀ ଗ୍ରାମ୍ୟ ବ୍ୟାଙ୍କ୍ ମୁଖ୍ୟ ଶାଖା ମ୍ୟାନେଜର ଶ୍ରୀ ଦାଶରଥି ଖୁଣ୍ଟିଆ ଋଣ ପ୍ରଦାନ କ୍ଷେତ୍ରରେ କ୍ଲବ ମାଧ୍ୟମରେ କୃଷକମାନଙ୍କୁ ଗ୍ରାମ୍ୟ ବ୍ୟାଙ୍କ ତରଫରୁ ସମସ୍ତ ସାହାଯ୍ୟ ଓ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ସମ୍ବାଦ

## ଚାରା ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର

**ନିମାପଡ଼ା :** 'ଉନ୍ନୟନ' ଦ୍ୱାରା ଆୟୋଜିତ ଓ କୃଷିବିଜ୍ଞାନ କେନ୍ଦ୍ର 'ସିଫା' ଭୁବନେଶ୍ୱରଙ୍କ ସହାୟତାରେ ୧୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧିଙ୍କୁ ନେଇ ଶୀତଦିନିଆ ପନିପରିବା ଚାରା ପ୍ରସ୍ତୁତି ଓ ଗୁଟି କଲମୀ ପ୍ରସ୍ତୁତି ସଂପର୍କରେ ୨ ଦିନିଆ ତାଲିମ କାର୍ଯ୍ୟକ୍ରମ ରେଂଘାଲଠାରେ ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ତାଲିମ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞ ଅଜୟ କୁମାର ଦାସ, ସୁରେନ୍ଦ୍ର ସିଂ, ଲେଖା ସାପୋର ପ୍ରଭୃତି ୪୦ ଜଣ ମହିଳାମାନଙ୍କୁ ତାଲିମ ପ୍ରଦାନ କରିଥିଲେ । 'ଉନ୍ନୟନ'ର ଗୋଷ୍ଠୀ ସଂଗଠକ ରମେଶ ଚନ୍ଦ୍ର ମଲିକ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## Training programme on pisciculture

**Nimapada:** A one-day workshop and training programme on pisciculture was recently held at Reghalo under Nimapada block.

According to a press release, about 30 pisciculturists from different villages of Sagada grampanchayat had participated in the workshop.

Senior scientist from Central Institute of Freshwater Aquaculture and training manager Dr Banabehari Satpathy, his associate Dr Bijay Kumar Banja, Dr Debnarayan Chattopadhyaya and Surendra Singh among others focussed on pond preparation, fish seed breeding, fish-related diseases and utilisation of pond area effectively.

They also stressed on mixed fish breeding and highlighted on freshwater aquaculture as a means of self-employment for unemployed rural youth.

The workshop was organised by Unnayan, an NGO from Puri. Secretary Manoranjan Nayak presided over the function.

## ଉନ୍ନୟନ ପକ୍ଷରୁ ମତ୍ସ୍ୟଚାଷ ତାଲିମ ଶିବିର

ନିମାପଡ଼ା : ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉନ୍ନୟନ' ତରଫରୁ ମତ୍ସ୍ୟଚାଷୀମାନଙ୍କ ପାଇଁ ଏକ ଦିନିକିଆ ତାଲିମ ଶିବିର ଗତ ୪ ତାରିଖ ଦିନ ନିମାପଡା ବ୍ଲକ୍ ଶଗଡା ଗ୍ରାମ ପଞ୍ଚାୟତର ରେଘାଲୋଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ ଶିବିରରେ ଶଗଡା ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରୁ ୩୦ଜଣ ମତ୍ସ୍ୟଚାଷୀ ଯୋଗ ଦେଇଥିଲେ । ଏଥିରେ ଯୋଗଦେଇ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ପ୍ରତିଷ୍ଠାନ (ସିଫା), କୌଶଲ୍ୟାଗଙ୍ଗ ତାଲିମ ସଂଗଠକ ତଥା ବରିଷ୍ଠ ବୈଜ୍ଞାନିକ ଡଃ ରାଧେଶ୍ୟାମ ଏବଂ ତାଙ୍କ ସହଯୋଗୀ ବୈଜ୍ଞାନିକ ଡଃ ବନବିହାରୀ ଶତପଥୀ, ଡଃ ବିଜୟ କୁମାର ବାଂଜା, ଡଃ ଦେବନାରାୟଣ ଚଟୋପାଧ୍ୟାୟ, ସୁରେନ୍ଦ୍ର ସିଂ, ଅଜୟ କୁମାର ଦାଶ ଓ ଶ୍ରୀମତୀ ଲେଖା ସାପୋଇ, ପୋଖରୀ ପ୍ରସ୍ତୁତି, ଯାଆଁଳ ଉତ୍ପାଦନ, ମତ୍ସ୍ୟରୋଗ ଏବଂ ପୋଖରୀ ହୁଡାର ସଦୁପଯୋଗ ଉପରେ ଆଲୋକପାତ କରିବା ସହ ମିଶ୍ରିତ ମାଛଚାଷ ଉପରେ ଗୁରୁତ୍ୱାରୋପ କରିଥିଲେ । ଗ୍ରାମାଞ୍ଚଳରେ ଦଳପାଟ ହୋଇ ପଡିରହିଥିବା ପୋଖରୀ ଓ ଯୋର ଇତ୍ୟାଦିକୁ ମାଛଚାଷ ପାଇଁ ବ୍ୟବହାର କଲେ ଗ୍ରାମାଞ୍ଚଳରେ ବେକାର ଯୁବକମାନେ ଆତ୍ମନିଯୁକ୍ତି ପାଇପାରିବା ସଙ୍ଗେ ସଙ୍ଗେ ଗ୍ରାମର ଉନ୍ନତି ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ 'ଉନ୍ନୟନ'ର ସମ୍ପାଦକ ମନୋରଞ୍ଜନ ନାୟକ ପରିଚାଳନା କରିଥିଲେ ।

## ଜାତୀୟ ପରିବେଶ ସଚେତନତା ଅଭିଯାନ ଉଦ୍‌ଯାପିତ

ଗୋପ, ୧୩।୭ (ପି.ଏନ୍.ଏ.): ନିମାପଡା ବ୍ଳକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉନ୍ନୟନ' ପକ୍ଷରୁ ଶଗଡାସ୍ଥିତ ବଟେଶ୍ୱର ଦେବ କଲେଜ ଅଫ୍ ଏଜୁକେସନ ଆଣ୍ଡ ଭୋକେସନାଲ ଠାରେ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ବିଭାଗ ସହାୟତାରେ ଜାତୀୟ ପରିବେଶ ସଚେତନତା ଅଭିଯାନ-୨୦୦୨ ଉଦ୍‌ଯାପିତ ହୋଇଯାଇଛି । ରେଙ୍ଗାଲୋ ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ ଉଦୟନ ପକ୍ଷରୁ ଗତକାଲି ପରିବେଶ ସନ୍ତୁଳନରେ ଜିଆ ଗ୍ରୁଷର ଭୂମିକା ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାକୁ ନିମାପଡା ବ୍ଳକର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମନମୋହନ ସେନାପତି ଉଦ୍‌ଘାଟନ କରିଥିଲେ । ଉଦୟନର ସଂପାଦକ ମନୋରଞ୍ଜନ ନାୟକ ପରିଚାଳନା ଓ ବୃନ୍ଦାବନ ସାହୁ ସଂଯୋଜନା କରିଥିଲେ ।

## ଜାତୀୟ ପରିବେଶ ସଚେତନତା ଅଭିଯାନ

**ନିମାପଡ଼ା :** ନିମାପଡ଼ା ବ୍ଲକ୍ ଅଧୀନସ୍ଥ ରେଙ୍ଗାଲୋ ଗ୍ରାମସ୍ଥିତ "ଉନ୍ନୟନ" ତରଫରୁ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ବିଭାଗ ସହାୟତାରେ ନିମାପଡ଼ା ବ୍ଲକ୍ ଅଧୀନସ୍ଥ ସଲଙ୍ଗ ଗ୍ରାମପଞ୍ଚାୟତର ଓହଳ ଗ୍ରାମର କପିଳେଶ୍ୱର ବିଦ୍ୟାପୀଠରେ ଗତ ୧୭ ତାରିଖରେ ଜାତୀୟ ପରିବେଶ ସଚେତନତା ଅଭିଯାନ ୨୦୦୦-୨୦୦୧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମାଞ୍ଚଳରେ ବୃକ୍ଷରୋପଣ, ବୃକ୍ଷର ରକ୍ଷଣାବେକ୍ଷଣ, ନୂତନ ବୃକ୍ଷର ଯତ୍ନ ଶୀର୍ଷକ ଏକ ଏକଦିବସୀୟ ତାଲିମ କର୍ମଶାଳା ଆୟୋଜନ ହୋଇଥିଲା । ଉନ୍ନୟନର ସଂପାଦକ ଶ୍ରୀ ମନୋରଞ୍ଜନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ନିମାପଡ଼ା ଅଞ୍ଚଳର ୧୦ଟି ସଂଗଠନର ୧୦ଜଣ ଏବଂ ସଲଙ୍ଗ, ଶଗଡ଼ା ଓ ଅଲଣ୍ଡା ଗ୍ରାମପଞ୍ଚାୟତରୁ ୪୦ଜଣ ପ୍ରତିନିଧି ଭାଗ ନେଇଥିଲେ ।

## ଜାତୀୟ ପରିବେଶ ସଚେତନତା ଅଭିଯାନ

ନିମାପଡ଼ାର ଅନ୍ୟତମ ସମାଜ କଲ୍ୟାଣ ସ୍ୱେଚ୍ଛାସେବୀ ସଂଗଠନ 'ନାଟୁଆ' ଆନୁକୂଲ୍ୟରେ ଏକ ପରିବେଶ ସଚେତନତା ଅଭିଯାନ ନିକଟସ୍ଥ ଜଅଁରା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଆଖପାଖ ପଡା ଗ୍ରାମର ପ୍ରାୟ ୨୦୦ ମହିଳା ଅଭିଯାନରେ ଅଂଶଗ୍ରହଣ କରି "ଗୋଟିଏ ଶିଶୁ ଗୋଟିଏ ଗଛ"ର ଶପଥ ଗ୍ରହଣ କରି ଆଗାମୀ ୧ ବର୍ଷ ମଧ୍ୟରେ ପ୍ରାୟ ୫ ହଜାର ଗଛ ଲଗାଇବା ପାଇଁ ନିଷ୍ପତ୍ତି ନେଇଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ବିଭୁତି ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅଭିଯାନରେ ସାମିଲ ହୋଇଥିଲେ ।

ସେହିଭଳି ରେଙ୍ଗାଲୋ ଗ୍ରାମରେ ଅବସ୍ଥିତ 'ଉନ୍ନୟନ' ସଂସ୍ଥା ପକ୍ଷରୁ ଜାତୀୟ ପରିବେଶ ସଚେତନତା କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି । "କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା ଓ ବୃକ୍ଷରୋପଣ' ସମ୍ବନ୍ଧୀୟ ଏକ କର୍ମଶାଳା ଅନୁଷ୍ଠାନ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ବାତ୍ୟା କ୍ଷତିଗ୍ରସ୍ତ ଶଗଡ଼ା, ଧନୁଆ ଓ ରେଣ୍ଟ ଗ୍ରାମ ପଞ୍ଚାୟତରେ ୧ ଲକ୍ଷ ଚାରା ଆସନ୍ତା ଜୁନ୍ ମାସରେ ବଣ୍ଟନ କରାଯିବ ବୋଲି ସମ୍ପାଦକ ବିଜୟ ନାୟକ ସୂଚନା ଦେଇଥିଲେ ।

ବଳଙ୍ଗାସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏସ୍.ଏସ୍.ୟୁ.ଡି ପକ୍ଷରୁ ବଧି ହରିଜନ ସାହି, ଗଡଚାନ୍ଦପୁର ଓ ଚକ୍ରକୁଦ ଗ୍ରାମରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଦୋଷ ପତିଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ଶ୍ୟାମସୁନ୍ଦର ଦାସ, ଅଧ୍ୟାପକ ଅଶୋକ ମିଶ୍ର, ସୁଶାନ୍ତ ପାତ୍ର, ଜ୍ଞାନେନ୍ଦ୍ର ଦାଶ, ରାମଚନ୍ଦ୍ର ଆଚାର୍ଯ୍ୟ, କୃଷି ଅଧିକାରୀ ସଦାଶିବ ବାରିକ, ମହାଲକ୍ଷ୍ମୀ କୃଷକ କ୍ଲବ୍‌ର ସଭ୍ୟ ରାମଚନ୍ଦ୍ର ଆଚାର୍ଯ୍ୟ, କୃଷି ଅଧିକାରୀ ସଦାଶିବ ବାରିକ, ମହାଲକ୍ଷ୍ମୀ କୃଷକ କ୍ଲବ୍‌ର ଭ୍ୟ ସଭ୍ୟାମାନେ ଆସନ୍ତା ମାସଠାରୁ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେବାଲାଗି ପରାମର୍ଶ ଦେବାପରେ ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା ।

ସମୟ

## 'ଉନ୍ନୟନ'ର ଜାତୀୟ ପରିବେଶ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର :** ପୁରୀ ଜିଲ୍ଲା ନିମାପଡ଼ା ବ୍ଳକ ଅନ୍ତର୍ଗତ ରେଙ୍ଗାଲୋ ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉନ୍ନୟନ' ତରଫରୁ ଗତ ୨୪ ତାରିଖରେ ଜାତୀୟ ପରିବେଶ ସଚେତନତା ୧୯୯୯-୨୦୦୦ କାର୍ଯ୍ୟକ୍ରମରେ 'କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା ଓ ବୃକ୍ଷରୋପଣ' ଶୀର୍ଷକ ଏକ କର୍ମଶାଳା ଉନ୍ନୟନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ୨୨ଜଣ ପ୍ରତିନିଧି ଏବଂ ନିମାପଡ଼ା ଅଞ୍ଚଳର ୧୮ଜଣ ପରିବେଶ ପ୍ରେମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ଜଙ୍ଗଲ ଓ ପରିବେଶ ବିଭାଗ ସହାୟତାରେ ଅନୁଷ୍ଠିତ ହୋଇଥିଲା ଓ ଏହାକୁ ଉନ୍ନୟନର ସଂଯୋଜକ ମନୋରଞ୍ଜନ ନାୟକ ପରିଚାଳନା କରିଥିଲେ ।